## ବାରାଣସୀ: ବ୍ରିଜ୍‌ର ଧ୍ୱଂସସ୍ତୂପ ତଳେ ଲୋକେ ଥିବା ଆଶଙ୍କା

# ଫ୍ଲାଏଓଭର୍ ଭୁଶୁଡ଼ି ୧୯ ମୃତ



**ବାରାଣସୀ, ୧୫।୫/ପିଟି :**

ଆଜି ସନ୍ଧ୍ୟାରେ ଉତ୍ତରପ୍ରଦେଶର ବାରାଣସୀରେ ଏକ ନିର୍ମାଣାଧୀନ ଫ୍ଲାଏଓଭର୍ ଭୁଶୁଡ଼ି ତଳେ ଯାଉଥିବା ବସ୍, କାର୍, ବାଇକ୍ ଓ ଅଟୋ ଉପରେ ଖସି ପଡ଼ିବାରୁ ଅନ୍ୟୁନ ୧୯ ଜଣଙ୍କର ମୃତ୍ୟୁ ଘଟିଛି । ଆଉ କେତେଜଣ ଲୋକ ଭଗ୍ନସ୍ତୂପ ତଳେ ରହିଯାଇଥିବା ଆଶଙ୍କା କରାଯାଉଛି । ବାରାଣସୀର କ୍ୟାଣ୍ଟନ୍‌ମେଣ୍ଟ୍ ରେଳ ଷ୍ଟେସନ୍ ନିକଟରେ ଏହି ଦୁର୍ଘଟଣା ଘଟିଛି । ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍) ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ଫ୍ଲାଏଓଭର୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ କେତେକ ଶ୍ରମିକ ଏହି ଧ୍ୱଂସସ୍ତୂପ ତଳେ ରହିଯାଇଥିବା କୁହାଯାଉଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶରେ ଉପମୁଖ୍ୟମନ୍ତ୍ରୀ ▶▶ ୭